## ସଂକ୍ଷେପରେ

### ଆଜି ଢେଙ୍କାନାଳ ଆସୁଛନ୍ତି ଧର୍ମେନ୍ଦ୍ର

ଢେଙ୍କାନାଳ, ୨୬।୮ (ରତନ ନାୟାର)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ପୂର୍ବାହ୍ନ ୧୦ଟାରେ ଢେଙ୍କାନାଳ ସଦର ବ୍ଲକ କାଇମାଟି ପଞ୍ଚାୟତର ହରେକୃଷ୍ଣପୁରଠାରେ ହେବାକୁ ଥିବା 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଯୋଗଦେବେ। ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ଗାନ୍ଧୀ ତଥା ଢେଙ୍କାନାଳର ପ୍ରଥମ ଏମ୍‌ପି ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ଗ୍ରାମରେ ପହଞ୍ଚି ସେଠାରୁ ପବିତ୍ର ମାଟି ସଂଗ୍ରହ କରିବେ। ଏଥିସହ ସଂଗ୍ରାମୀଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରିବେ। ହରେକୃଷ୍ଣପୁରସ୍ଥିତ ଅମୃତ ବାଟିକାରେ ୭୫ରୁ ଊର୍ଦ୍ଧ୍ୱ ଚାରାରୋପଣ କରିବା ପରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ଗ୍ରାମବାସୀଙ୍କ ସହିତ ଆଲୋଚନା କରି କେନ୍ଦ୍ରମନ୍ତ୍ରୀ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବା କାର୍ଯ୍ୟକ୍ରମ ରହିଛି। ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଜଣାଇଛନ୍ତି ।

### ମାନବୀୟ ମୂଲ୍ୟବୋଧ ଉପରେ ଆଲୋଚନା

ଢେଙ୍କାନାଳ, ୨୬।୮ (ରତନ ନାୟାର)

ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଢେଙ୍କାନାଳ ଜିଲା ଶାଖାର ବିଚାରଧାରା ବିଭାଗ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ 'ଆମ ଐତିହ୍ୟ ଆମ ସଂସ୍କୃତି' ଶୀର୍ଷକ ୩୪ତମ ଇ-ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ଡ. ପ୍ରଫୁଲ୍ଲ କୁମାର ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରାଣୀଧନ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡା. ରବୀନ୍ଦ୍ର କୁମାର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଧର୍ମର ଆଦି ସ୍ରୋତ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ବେଦରେ ରହିଥିବା ମାନବୀୟ ମୂଲ୍ୟବୋଧ, ସନାତନ ଧର୍ମର ଗୁରୁତ୍ୱ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଜିଲା ବିଚାରଧାରା ମୁଖ୍ୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିହାରୀ ସ୍ୱାଇଁ, ଆଜୀବନ ସଦସ୍ୟ ଶିକ୍ଷକ ନିରଞ୍ଜନ ସାହୁ, ସହ ସମ୍ପାଦକ ଶିକ୍ଷକ ସଦାନନ୍ଦ ରାଉତ, ଜିଲା ସମ୍ପର୍କ ସେତୁ ମୁଖ୍ୟ ଶିକ୍ଷକ ଜିତେନ୍ଦ୍ର କୁମାର ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ତଥା ଆଜୀବନ ସଦସ୍ୟ କବି ବିନୟ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅକ୍ଟୋବର ୨୪ରେ ଏସ୍‌ଭିଏଲ୍‌ଏସ୍‌ର ରାଜ୍ୟସ୍ତରୀୟ ସମ୍ମିଳନୀ

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଅକ୍ଟୋବର ୨୪ରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ (ଏସ୍‌ଭିଏଲ୍‌ଏସ୍)ର ରାଜ୍ୟସ୍ତରୀୟ ସମ୍ମିଳନୀ ଢେଙ୍କାନାଳରେ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଜିଲା ଶାଖା ସଭାପତି ଡ. ପ୍ରଫୁଲ୍ଲ କୁମାର ପାଣିଙ୍କ ସଭାପତିତ୍ୱରେ ଶୁକ୍ରବାର ସନ୍ଧ୍ୟାରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ନାୟକ ସମ୍ମିଳନୀର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉତ୍କଳ କଳା ସଂସ୍କୃତି ଟ୍ରଷ୍ଟି ରବୀନ୍ଦ୍ର କୁମାର ସାହୁ, ଡ. ସୁସନ୍ୟାସା ମହାନ୍ତି, ହରେକୃଷ୍ଣ କର, ଶଙ୍କର୍ଷଣ ଶତପଥୀ, ବିନୟ ସାମଲ, ପ୍ରଭାତ ନଳିନୀ ଦାସ, ଦୀପ୍ତିମୟୀ ଲେଙ୍କା, କୃପାସିନ୍ଧୁ ମିଶ୍ର, ଝୁନୁବାଳା ମିଶ୍ର, ନିରଞ୍ଜନ ସାହୁ ପ୍ରମୁଖ ନିଜସ୍ୱ ମତ ରଖିଥିଲେ। ଜିଲା ସମ୍ପାଦକ ପଣ୍ଡିତ ବିପିନ ବିହାରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଘୁମୁରା' ଖୋଜୁଛି ସାହାରା

- ପର୍ବପର୍ବାଣିରେ ସୀମିତ ଲୋକନୃତ୍ୟ
- ଆଧୁନିକତା ସହ ତାଳ ଦେଇପାରୁନାହିଁ

କାମାକ୍ଷାନଗର, ୨୬।୮ (ସୁଧୀର ପରିଡ଼ା)



ଭାଦ୍ରବ ପାଦ ଥାପିଲେ ଚଳଚଞ୍ଚଳ ହୋଇଉଠେ ଆଦିବାସୀ ପଡ଼ା। ରଙ୍ଗବେରଙ୍ଗର ପାରମ୍ପରିକ ବେଶ ପରିପାଟୀରେ ସଜେଇ ହୋଇ ରାସ୍ତାକୁ ଓହ୍ଲାଇ ଆସନ୍ତି ଶବର ସମ୍ପ୍ରଦାୟର କଳାକାର। 'ଘୁମୁରା' ଲୋକନୃତ୍ୟ, ଲୋକବାଦ୍ୟ, ଲୋକସଙ୍ଗୀତରେ କମ୍ପି ଉଠେ ଗ୍ରାମ୍ୟ ପରିବେଶ। ହେଲେ ଆଶ୍ୱିନ ଆସୁ ଆସୁ ମଳିନ ପଡ଼ିଯାଏ ଏହାର ସ୍ୱର। ସାମାଜିକ ଗଣମାଧ୍ୟମ ଯୁଗରେ ମନୋରଞ୍ଜନର ପରିଭାଷା ବଦଳୁଥିବାବେଳେ ଲୁପ୍ତ ହେବାକୁ ବସିଛି ଆଦିବାସୀ ଜନଜୀବନର ଗାଥା ବଖାଣୁଥିବା ଏହି ପାରମ୍ପରିକ ଲୋକନୃତ୍ୟ।

ଘୁମୁରା କଥା ଉଠିଲେ ଆଖି ଫେରିଯାଏ କଳାହାଣ୍ଡି ଜିଲାକୁ। ଯଦିଓ କଳାହାଣ୍ଡିରେ ଏହି ଲୋକନୃତ୍ୟର ଆଦୃତି ବେଶି, ତଥାପି ଏହାର ଛାପ ଦେଖିବାକୁ ମିଳେ ଢେଙ୍କାନାଳ ଜିଲାରେ। କାମାକ୍ଷାନଗର ଉପଖଣ୍ଡର ନୂଆଆଳତୁମା ବଡ଼ବନ୍ଧ ସାହି, କାଦୁଆ, ବାଙ୍ଗୁରା, ବାଇସିଙ୍ଗା, ମାଳପୁରା, ମହୁଲପାଳ, ଇନ୍ଦିପୁର, ବଡସୁଆଁଳ, ଓଡ଼ିଶ, ଆମ୍ବଖୋଲ, ଅନଳ, ଗାଙ୍ଗୀଯୋଡ଼ ସମେତ ଜିଲାର ଆଭ୍ୟନ୍ତରୀଣ ଗ୍ରାମରେ ବସବାସ କରୁଥିବା ଶବର ସମ୍ପ୍ରଦାୟ ବଞ୍ଚାଇ ରଖିଛନ୍ତି ଘୁମୁରାକୁ। ବର୍ଷସାରା ବଣମୂଳକରେ ପେଟପାଟଣା ପାଇଁ ସଂଘର୍ଷ କରୁଥିବା ବନବାସୀମାନେ ଧାନ ରୁଆ ବେଉଷଣ ସରିବା ପରେ ବେଶ ଉତ୍ସାହୀ ହୋଇଉଠନ୍ତି। ଗହ୍ମା ପୂର୍ଣ୍ଣମୀ ସେମାନଙ୍କ ବଡ଼ ପର୍ବ। ଏହାର ଅବ୍ୟବହିତ ପୂର୍ବରୁ ଘରଦ୍ୱାର ଲିପାପୋଛା କରିଥାନ୍ତି। ଭାଦ୍ରବ ପୂର୍ଣ୍ଣମାରେ ନୂଆ ପୋଷାକ ପିନ୍ଧି ଇଷ୍ଟଙ୍କୁ ପୂଜାର୍ଚ୍ଚନା କରିବା ସହ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଥାନ୍ତି। ଏହାପରେ ସପ୍ତାହବ୍ୟାପୀ ଆରମ୍ଭ ହୋଇଯାଏ ନୃତ୍ୟଗୀତର ଆସର। କଳାକାର ଦଳ ନିଆରା ବେଶରେ ଗାଁ ଗାଁ ବୁଲି ଘୁମୁରା ବାଦ୍ୟର ତାଳେ ତାଳେ ପରିବେଷଣ କରିଥାଆନ୍ତି ନୃତ୍ୟ। ଆଦିବାସୀ ଜନଜୀବନର ଗହନକଥାକୁ ନିଆରା ଢଙ୍ଗରେ ବଖାଣିଥାଆନ୍ତି। ଖୁସିରେ ଲୋକେ ଯାହା ଦିଅନ୍ତି, ତାହାକୁ ଗ୍ରହଣ କରନ୍ତି। ତେବେ ଆଧୁନିକ ସମୟରେ ଏଭଳି ପୁରୁଣାକାଳିଆ ପରମ୍ପରାକୁ ଯୁବବର୍ଗ ଗ୍ରହଣ କରୁ ନ ଥିବାରୁ କେବେଳ ହାତଗଣତି କଳାକାର ମଧ୍ୟରେ ସୀମିତ ହୋଇ ରହିଯାଇଛି ଘୁମୁରା ଲୋକନୃତ୍ୟ। ଜିଲା କିମ୍ବା ରାଜ୍ୟସ୍ତରୀୟ ଲୋକ ମହୋତ୍ସବରେ ଆମନ୍ତ୍ରିତ କଳାକାରଙ୍କୁ ସେମାନଙ୍କ କଳା ପରିବେଷଣର ସୁଯୋଗ ମିଳୁଛି। ଅନ୍ୟମାନେ ନିରାଶ ହେଉଛନ୍ତି। ପାଲା, ସଂକୀର୍ତ୍ତନ ଭଳି ଏହାର ପ୍ରଚାର ପ୍ରଚାର ହୋଇପାରୁ ନ ଥିବାରୁ ଏହା ଏବେ ବିଲୁପ୍ତ ଅବସ୍ଥାକୁ ଚାଲିଆସିଲାଣି ବୋଲି ଅଭିଯୋଗ ହେଉଛି।

**ପୌରାଣିକ କିମ୍ବଦନ୍ତୀ କୁହେ ଦେବ-ଦାନବ ଯୁଦ୍ଧରେ ବ୍ୟବହାର ହୋଇଥିଲା ରଣବାଦ୍ୟ 'ଘୁମୁରା'। ଏକଦା ଶକ୍ତି ଉପାସନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ପାରମ୍ପରିକ ଲୋକବାଦ୍ୟ ଓ ଏହାକୁ ନେଇ ସୃଷ୍ଟି ହୋଇଥିବା ଲୋକନୃତ୍ୟ ଶବର ସମ୍ପ୍ରଦାୟର ଭାବାବେଗ ସହ ଓତପ୍ରୋତ ଭାବେ ଜଡ଼ିତ ହୋଇ ରହିଆସିଛି। ହେଲେ ପରିବର୍ତ୍ତିତ ସମୟରେ ଆଧୁନିକ ମନୋରଞ୍ଜନର ମାଧ୍ୟମ ସହ ତାଳ ଦେଇପାରୁ ନ ଥିବାରୁ ଏହାର ଝଙ୍କାର କ୍ରମଶଃ ନିଷ୍ପ୍ରଭ ହେବାରେ ଲାଗିଛି। ଫଳରେ ସ୍ୱତନ୍ତ୍ର ପର୍ବପର୍ବାଣି ଓ ଲୋକ ମହୋତ୍ସବ ମଧ୍ୟରେ ସୀମିତ ହୋଇ ରହିଯାଇଛି ଏଭଳି ଏକ ପ୍ରାଚୀନ ଲୋକକଳା।**

### ପ୍ରଶିକ୍ଷଣ ପାଇଁ ଯୋଜନା କରାଯାଉଛି



ବିଲୁପ୍ତପ୍ରାୟ ଲୋକକଳାର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ହେଲେ ଏବେକାର ଯୁବପିଢ଼ି ଆଧୁନିକତାର ଚାପରେ ପୁରାତନ ଲୋକକଳାରୁ ମୁହଁ ଫେରାଇ ନେଲେଣି। ଫଳରେ ଘୁମୁରା ଭଳି ଅନେକ ଲୋକକଳା ବିଲୁପ୍ତ ହେବାକୁ ବସିଛି। ଏବେ ପ୍ରତି ବ୍ଲକରେ ବିଡିଓଙ୍କ ଜରିଆରେ କଳାକାରଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ପ୍ରୋତ୍ସାହନ ଓ ତାଲିମ ଦେବା ଲାଗି ଯୋଜନା କରାଯାଉଛି।

-ଅବନୀ ମିଶ୍ର, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି

### ସରକାରୀ ସହାୟତା ଜରୁରୀ



ଶବର ସମ୍ପ୍ରଦାୟର ବ୍ୟକ୍ତି ଗହ୍ମାପର୍ବ ପୂର୍ବରୁ ପ୍ରସ୍ତୁତ ହୋଇ ପ୍ରାୟ ମାସେ ଧରି ଗାଁ ଗାଁ ବୁଲି ଘୁମୁରା ନୃତ୍ୟ ପରିବେଷଣ କରିଥାଆନ୍ତି। କିନ୍ତୁ ଏବେ ପୋଷାକ, ମେକ୍‌ଅପ୍ ଖର୍ଚ୍ଚ ଯଥେଷ୍ଟ ବଢ଼ିଗଲାଣି। ସେମିତି ପାରିଶ୍ରମିକ ମିଳୁନାହିଁ। ତଥାପି କିଛିବର୍ଷ ହେଲା କେତେଜଣ ପୁରୁଣା ଓ ନୂଆ କଳାକାରଙ୍କୁ ଏକାଠି କରି ଏହାକୁ ବଞ୍ଚାଇ ରଖିବାର ପ୍ରୟାସ ଜାରିରହିଛି। ଏଥିଲାଗି ସରକାରୀ ପ୍ରୋତ୍ସାହନ ଜରୁରୀ।

-ପବିତ୍ର ମୋହନ ପ୍ରଧାନ, ନୃତ୍ୟଗୁରୁ

### ବାଦ୍ୟର ମୂଲ୍ୟ ୧୦ ଗୁଣା

ତ୍ରୁଟିମୁକ୍ତ 'ଘୁମୁରା' ବାଦ୍ୟ ନିର୍ମାଣ କରିବା ସହଜ କଥା ନୁହେଁ। କୁମ୍ଭକାରମାନେ ଅତି ସାବଧାନତାର ସହ ଡମ୍ବରୁ ଆକୃତିର ମାଟି ଖୋଳ ନିର୍ମାଣ କରନ୍ତି। ହାରାହାରି ୨ ଫୁଟ ଉଚ୍ଚତାର ଉକ୍ତ ଖୋଳର ତଳ ଭାଗ ନିବୁଜ ଥିବାବେଳେ ଉପର ପଟ ମୁହଁ ୮ ଆଙ୍ଗୁଳି ଓସାର ବିଶିଷ୍ଟ ହୋଇଥାଏ। ସେହି ଖୋଲା ମୁହଁକୁ ଗୋଧି ଚମଡ଼ା ଦ୍ୱାରା ଆଚ୍ଛାଦିତ କରାଯାଏ। ଏହି କାର୍ଯ୍ୟରେ ବ୍ୟବହୃତ ହୁଏ ବିଜା ଅଠା। ପୂର୍ବରୁ ଗୋଟିଏ ଘୁମୁରା ବାଦ୍ୟ ୫୦ରୁ ୬୦ ଟଙ୍କା ମଧ୍ୟରେ ମିଳିଯାଉଥିଲା। ଏବେ କେବଳ ବରାଦ ଦେଲେ ତିଆରି ହେଉଛି। ଦାମ୍ ବି ୬୦୦ରୁ ୭୦୦ ଟଙ୍କାରେ ପହଞ୍ଚିଲାଣି। ଘୁମୁରା ବାଦ୍ୟର ଢାଞ୍ଚା ନିର୍ମାଣ କରୁଥିବା କାରିଗର ମଧ୍ୟ କମିଗଲେଣି। ଫଳରେ ଘୁମୁରା ବାଦ୍ୟଟିଏ ତିଆରି କରିବା କଷ୍ଟକର ହୋଇପଡୁଛି।

### ଆଇନ କରୁଛି ଅଡୁଆ

ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗର ଚୋରା କାରବାର ରୋକିବା ଲାଗି କାର୍ଯ୍ୟକାରୀ ହୋଇଛି ବନ୍ୟପ୍ରାଣୀ ସଂରକ୍ଷଣ ଆଇନ। ଏହି ଆଇନ ଏବେ ଘୁମୁରା ବାଦ୍ୟ ନିର୍ମାଣରେ ଅଡୁଆ ସୃଷ୍ଟି କରୁଛି। କେତେଜଣ କଳାକାର କହିଛନ୍ତି, ଘୁମୁରା ବାଦ୍ୟରେ ବ୍ୟବହାର କରାଯାଉଥିବା ଗୋଧି ଚମଡ଼ା ସଂଗ୍ରହ କରିବା କାଠିକର ପାଠ ହେଉଛି। ଆଇନଗତ କଟକଣାରୁ ବର୍ତ୍ତିବା ଲାଗି ଏବେ ବି ବାପଜେଜେ ଅମଳର ପୁରୁଣା ଘୁମୁରା ବାଦ୍ୟ ବ୍ୟବହାର କରିବାକୁ ପଡୁଛି। କୌଣସି କାରଣରୁ ଘୁମୁରା ବାଦ୍ୟରେ ବ୍ୟବହୃତ ମାଟିହାଣ୍ଡି ଭାଙ୍ଗିଗଲେ ପୁରୁଣା ଗୋଧି ଚମଡ଼ାକୁ ନୂଆ ବାଦ୍ୟରେ ବ୍ୟବହାର କରାଯାଉଛି। ଅଦ୍ୟାବଧି ଗୋଧି ଚମଡ଼ାର ବିକଳ୍ପ ମିଳୁ ନ ଥିବାରୁ ଆଗାମୀ କିଛି ବର୍ଷ ମଧ୍ୟରେ ଘୁମୁରା ବାଦ୍ୟ ଇତିହାସ ପାଲଟିଯିବ।

### ଫ୍ୟୁଜନ ହେଲେ ଲୋକାଦୃତି ବଢ଼ନ୍ତା

ପରୀକ୍ଷାନିରୀକ୍ଷା, ନୂଆପ୍ରୟୋଗ ପାଇଁ ଓଡ଼ିଶୀ, ଗୋଟିପୁଅ ନୃତ୍ୟ ବିଶ୍ୱସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ହେଲେ ଘୁମୁରା ଭଳି ପାରମ୍ପରିକ ଲୋକକଳା ଏହି ଦୌଡ଼ରୁ ବହୁ ପଛରେ ରହିଯାଇଛି। ସଙ୍ଗୀତ ନିର୍ଦ୍ଦେଶକମାନେ ଇଚ୍ଛା କଲେ ଏହି ବାଦ୍ୟଯନ୍ତ୍ରର ସ୍ୱରକୁ ବ୍ୟବହାର କରି ନୂଆ ଫ୍ୟୁଜନ କରିପାରନ୍ତେ। ଫିଚରଧର୍ମୀ ଚଳଚ୍ଚିତ୍ରରେ ଏଥିଲାଗି ଯଥେଷ୍ଟ ସୁଯୋଗ ମଧ୍ୟ ରହିଛି। ହେଲେ ଏ ଦିଗରେ ଅଦ୍ୟାବଧି ସେଭଳି ଆଖିଦୃଶିଆ କାର୍ଯ୍ୟ ହେଉନାହିଁ, ଯେଉଁଥିପାଇଁ ଘୁମୁରାର ସ୍ୱର କେବଳ ଆଦିବାସୀ ପଡ଼ା ଭିତରେ ଘେରାବନ୍ଦୀ ହୋଇ ରହିଯାଇଛି।

### ପ୍ରୋତ୍ସାହନ ମିଳିଲେ ହୃତ୍‌ଗୌରବ ଫେରିବ

ପୂର୍ବରୁ ଆଦିବାସୀ ଦମ୍ପତି ପାରମ୍ପରିକ ବେଶରେ ଘୁମୁରା ନୃତ୍ୟ ପରିବେଷଣ କରୁଥିଲେ। ପରବର୍ତ୍ତୀ ସମୟରେ ମହିଳାମାନେ ଏଥିରୁ ଦୂରେଇ ଯିବା ପରେ ସେମାନଙ୍କ ସ୍ଥାନ ନେଲେ ପୁରୁଷ। ହେଲେ ଆଧୁନିକ ସମୟର ଯୁବକମାନେ ମହିଳା ବେଶରେ ଘୁମୁରା ନୃତ୍ୟ କରିବାକୁ ଅମଙ୍ଗ ହେଉଛନ୍ତି। ଫଳରେ କେତେଜଣ ବରିଷ୍ଠ କଳାକାର ନିଜ ଉଦ୍ୟମରେ ଏହି କଳାକୁ ବଞ୍ଚାଇ ରଖିଛନ୍ତି। ସରକାରୀସ୍ତରରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମିଳିଲେ ଘୁମୁରା ହୃତଗୌରବ ଫେରିପାଇବ ବୋଲି ୬୦ ବର୍ଷୀୟା ଚିତ୍ରକଳା ବେହେରା କହିଛନ୍ତି। ଅନ୍ୟ ଜଣେ କଳାକାର ଦିଲୀପ ନାୟକ କୁହନ୍ତି, ଘୁମୁରା ହେଉଛି ଦଳଗତ ନୃତ୍ୟ। ଏଥିରେ ଶବର, ଶବରୁଣୀ ବେଶଧାରୀ କଳାକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏବେ ଘରେ ଘରେ ଟିଭି, ମୋବାଇଲ ହେବାରୁ ଆଖଡ଼ା ଶାଳକୁ କେହି ଆସୁନାହାନ୍ତି। ନୂଆ କଳାକାର ସୃଷ୍ଟି ହେଉନାହାନ୍ତି। ସୁରେଶ ନାୟକ କୁହନ୍ତି, ଘୁମୁରା କଳାକାର ଏବେ ଅଲୋଡ଼ା। ଏଥିପ୍ରତି ସଂସ୍କୃତି ବିଭାଗ ଦୃଷ୍ଟି ଦେବା ଆବଶ୍ୟକ।

# ବିଜ୍ଞାନର ଜୟଯାତ୍ରା ବୈଜ୍ଞାନିକଙ୍କୁ ଉତ୍ସାହିତ କରିଛି

### ୱି ସାଲ୍ୟୁଟ୍ ଇସ୍ରୋ ଫର୍ ମେକିଙ୍ଗ୍ ପ୍ରାଉଡ୍

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଇସ୍ରୋର ଚନ୍ଦ୍ରଯାନ-୩ର ସଫଳତା ଭାରତକୁ ସମଗ୍ର ବିଶ୍ୱରେ ଗର୍ବିତ କରିଛି। ବିଜ୍ଞାନର ଜୟଯାତ୍ରା ଭାରତୀୟ ବୈଜ୍ଞାନିକଙ୍କ ମନରେ ଉତ୍ସାହ ଭରିଦେଇଛି। ଢେଙ୍କାନାଳ ଜିଲା ଓକିଲ ସଂଘ ଆହ୍ୱାନକ୍ରମେ ଶନିବାର ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ବୁଦ୍ଧିଜୀବୀଙ୍କୁ ନେଇ ଆୟୋଜିତ 'ୱି ସାଲ୍ୟୁଟ୍ ଇସ୍ରୋ ଫର୍ ମେକିଙ୍ଗ୍ ପ୍ରାଉଡ୍' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା ଶିଳ୍ପ ଓ ବାଣିଜ୍ୟ ସଂଘ ସଭାପତି ରାଜେନ୍ଦ୍ର ଦାସ ଯୋଗଦେଇ ଚନ୍ଦ୍ରଯାନ-୩ର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ।




କାର୍ଯ୍ୟକ୍ରମରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

ଜିଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଦ୍ୟୁମ୍ନ ରଥ, ଭରତ ଦାସ, ସତ୍ୟସ୍ୱରୂପ ଦାସ, ନବକିଶୋର ଗୁରୁ, ପଙ୍କଜ ଲୋଚନ ସାହୁ, ବିଶ୍ୱନାଥ ବେହେରା, ପ୍ରତାପ ନାରାୟଣ ତ୍ରିପାଠୀ, ପ୍ରକାଶ କୁଅଁର, ପ୍ରେମଶଙ୍କର ମିଶ୍ର, ରାଜେନ୍ଦ୍ର ମହାପାତ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ନିର୍ମଳ ମିଶ୍ର, ପତିତପାବନ ମିଶ୍ର, ନିର୍ମଳା ମହାପାତ୍ର, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ ଓ କିଷାନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରୟାନ-୩ ମିଶନରେ ଢେଙ୍କାନାଳରେ ଜନ୍ମିତ ବୈଜ୍ଞାନିକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଜିଲା ଓକିଲ ସଂଘ ଉପସଭାପତି ସରୋଜ ପାଢୀ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ସଭାପତି ଶିବସାଇ ମହାପାତ୍ର, ଆଇନଜୀବୀ ଦେବକାନ୍ତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଚନ୍ଦ୍ରୟାନ-୩ ପ୍ରକଳ୍ପରେ ବରିଷ୍ଠ ବୈଜ୍ଞାନିକ ରଶ୍ମି

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଇସ୍ରୋର ଚନ୍ଦ୍ରୟାନ-୩ ମିଶନ ସଫଳ ହୋଇଛି। ଏହାପରେ ରୋଭର ପ୍ରଜ୍ଞାନ୍ ଅଭିଯାନ ଆରମ୍ଭ କରିଛି। ହେଲେ ଚନ୍ଦ୍ରୟାନ-୩ ଉତ୍‌କ୍ଷେପଣଠାରୁ ଅବତରଣ ଏବଂ ଏହା ପରବର୍ତ୍ତୀ କାର୍ଯ୍ୟରେ ଅନେକ ଓଡ଼ିଆ ବୈଜ୍ଞାନିକଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ଜଣାପଡିଛି। ତନ୍ମଧ୍ୟରୁ ଜଣେ ହେଲେ ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳର ବରିଷ୍ଠ ମହିଳା ବୈଜ୍ଞାନିକ ରଶ୍ମି ବେହେରା।

ରଶ୍ମି ୨୦୦୬ରୁ ଇସ୍ରୋ ସାଟେଲାଇଟ୍ ସେଣ୍ଟରରେ ବରିଷ୍ଠ ବୈଜ୍ଞାନିକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ସେ ଚନ୍ଦ୍ରୟାନ-୧ରୁ ବିଶେଷଜ୍ଞମଣ୍ଡଳୀ ସହିତ ସାମିଲ ଅଛନ୍ତି। ଚନ୍ଦ୍ରୟାନ-୩ରେ ସେ ଏମ୍ପ୍ଲିଫାୟାର ମଡ୍ୟୁଲେଶନ ଭଳି କାର୍ଯ୍ୟର ଗୁରୁଦାୟିତ୍ୱ ତୁଲାଇଥିଲେ। ଚନ୍ଦ୍ରର ଦକ୍ଷିଣ ମେରୁରେ ଭାରତ ପ୍ରଥମେ ପହଞ୍ଚିଛି। ଏହା ବିଶ୍ୱରେ ଭାରତକୁ ଗର୍ବିତ କରାଇଛି ବୋଲି ସେ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ସୂଚନାଯୋଗ୍ୟ, ରଶ୍ମିଙ୍କ ପିତା ଶଙ୍କର୍ଷଣ ବେହେରା ସୌଦାମିନୀ ସ୍ମୃତି ବିଦ୍ୟାପୀଠର ଅବସରପ୍ରାପ୍ତ ଗଣିତ ଶିକ୍ଷକ ଏବଂ ମାତା ପଦ୍ମାବତୀ ଜଣେ ଗୃହିଣୀ। ରଶ୍ମିଙ୍କ ଦୁଇ ଭଉଣୀ ଏବଂ ଜଣେ ଭାଇ ଅଛନ୍ତି।




ବୈଜ୍ଞାନିକ ରଶ୍ମି ବେହେରା।

# ଧରାପଡ଼ିଲା ଗୋ-ଚାଲାଣ ର୍‍ୟାକେଟ୍



### ୫ ପିକ୍‌ଅପ୍ ଭ୍ୟାନ୍ ଜବତ, ୪୦ ଗୋରୁ ଉଦ୍ଧାର

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଢେଙ୍କାନାଳ ଜିଲା ପୋଲିସ ପୃଥକ୍ ସ୍ଥାନରେ ଚଢ଼ାଉ କରି ୫ ପିକ୍‌ଅପ୍ ଭ୍ୟାନ୍‌ରେ ଚାଲାଣ କରାଯାଉଥିବା ୪୦ଟି ଗୋରୁ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ଧାରର ସୁଯୋଗ ନେଇ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ଜବତ ଗୋରୁଙ୍କ ମଧ୍ୟରୁ ୧୯ଟି କାଇମାଟି ଗୋ-ଶାଳାରେ ଛଡ଼ାଯାଇଛି। ଅନ୍ୟ ଗୋରୁଙ୍କୁ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଛି।

ଢେଙ୍କାନାଳ ଜିଲାର ବିଭିନ୍ନ ପ୍ରାନ୍ତରୁ ଯୋଜନାବଦ୍ଧ ଭାବେ ଗୋ-ଚାଲାଣ ହେଉଛି। ଏହା ପଛରେ ଏକ ର୍‍ୟାକେଟ୍ କାମ କରୁଥିବା ବଜରଙ୍ଗ କ୍ଲବ୍ ତରଫରୁ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ଟାଉନ୍ ଥାନାର ୪ ଏସ୍‌ଆଇଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ବଜରଙ୍ଗ କ୍ଲବ୍ ସଦସ୍ୟଙ୍କଠାରୁ ଗୋ-ଚାଲାଣ ସମ୍ପର୍କିତ ସୂଚନା ପାଇ ପୋଲିସ ଟିମ୍ ଏବଂ ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଜାଲ ବିଛାଇଥିଲେ। ବାଇପାସ୍‌ର ନିରୁପମା ହୋଟେଲ ଏବଂ କଷ୍ଟାନାଳୀ ନିକଟରୁ ଦୁଇଟି ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରାଯାଇଥିଲା। ଏହାପରେ କଙ୍କଡ଼ାହାଡ଼ ପଞ୍ଚାୟତ ସାରିଅଁ ତାରିଣୀ ମନ୍ଦିର ନିକଟରୁ ୨ଟି ଓ କଙ୍କଡ଼ାହାଡ଼ ଗ୍ରାମରୁ ଗୋଟିଏ ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ୍ ଜବତ କରାଯାଇଥିଲା।

ଚଢାଉରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଟାଉନ୍ ଥାନା ଏସ୍‌ଆଇ ଶାନ୍ତନୁ କୁମାର ପ୍ରଧାନ, ସୌଭାଗ୍ୟ ପାଣି, ଘନିଷ୍ଠ କୁମାର ମହନ୍ତ, ବଜରଙ୍ଗ କ୍ଲବ୍‌ର ସଞ୍ଜୀବ ପଣ୍ଡା, ପ୍ରୀତମ୍ ମହାନ୍ତି, ଜ୍ୟୋତି ପ୍ରକାଶ ବେହେରା, ଅଶ୍ୱିନୀ ବେହେରା, ସଞ୍ଜୟ ବେହେରା, ବିଶ୍ୱଜିତ୍ ବେହେରା, ଜିତେନ୍ଦ୍ର ବେହେରା, ଜ୍ୟୋତିରଞ୍ଜନ ସେଠୀ, ଜ୍ୟୋତିରଞ୍ଜନ ବେହେରା, ପିଣ୍ଟୁ ବେହେରା, ସୁନୀଲ୍ ପଣ୍ଡା, ବାଦଲ ବେହେରା, ଅଜିତ୍ ଦେହୁରୀ ପ୍ରମୁଖ ସାମିଲ ଥିଲେ।



## ସଂକ୍ଷେପରେ

### ଖଲାରିରେ ମୋବାଇଲ ଚୋରି

ଅନୁଗୋଳ, ୨୬।୮ (ଅମିତ ସାମଲ)

ଅନୁଗୋଳ ସହରରେ ମୋବାଇଲ ଚୋରି କରି ଆତଙ୍କ ସୃଷ୍ଟି କରିଥିବା ଏକ ଗ୍ୟାଙ୍ଗ୍ ଧରାପଡ଼ିଛନ୍ତି। ତେବେ ତଦନ୍ତ ଚାଲିଥିବାରୁ ପୋଲିସ ସେମାନଙ୍କ ନାମ ପ୍ରକାଶ କରିନାହିଁ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସଦର ଥାନା ଅଞ୍ଚଳରୁ ଗତ ଗୁରୁବାର ରାତିରେ ୩ ଜଣଙ୍କ ଘରୁ ୪ ମୋବାଇଲ ଚୋରି ହୋଇଥିଲା। ଏ ନେଇ ସଦର ଥାନାରେ ୪୭୯, ୪୮୦ ଓ ୪୮୧/୨୩ରେ ୩ଟି ପୃଥକ ମାମଲା ରୁଜୁ କରାଯାଇଥିଲା। ଏଥିରେ ୪ରୁ ୫ ଜଣିଆ ଏକ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ପୋଲିସର ଖୋଳତାଡ଼ ବେଳେ ଜଣାପଡ଼ିଥିଲା। ଅଭିଯୁକ୍ତମାନେ ଜନଗହଳିପୂର୍ଣ୍ଣ ସ୍ଥାନରୁ ମୋବାଇଲ୍ ଚୋରି କରି ଖସି ପଳାଉଥିଲେ। ପଚରାଉଚରାରୁ ୧୨ଟି ମୋବାଇଲ ଫୋନ୍‌ର ସନ୍ଧାନ ମିଳିଛି। ଏହି ସଂଖ୍ୟା ଆହୁରି ବଢ଼ିବା ସମ୍ଭାବନା ରହିଛି। ମୋବାଇଲ ଜବତ କରିବାକୁ ପୋଲିସ ଚଢ଼ାଉ ଜାରି ରହିଛି। ଏନେଇ ଥାନା ଅଧିକାରୀ ଧୀରେନ ବେହେରା କହିଛନ୍ତି, ମୋବାଇଲ ଚୋରି ଗ୍ୟାଙ୍ଗ ପୋଲିସ କବ୍‌ଜାରେ ରହିଛି। ପୋଲିସ ଚୋରି ମୋବାଇଲ ଜବତ କରିବାକୁ ଖୋଳତାଡ଼ ଜାରି ରଖିଛି।

### ବିଡି ଶ୍ରମିକଙ୍କୁ ମିଳୁନି ନ୍ୟାୟ

ଅନୁଗୋଳ, ୨୬।୮ (ଅମିତ ସାମଲ)

ଅଲ୍ ଓଡ଼ିଶା ବିଡି ୱାର୍କର୍ସ ୟୁନିୟନର ୫ମ ରାଜ୍ୟ ସମ୍ମିଳନୀ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପେନ୍ଦ୍ର ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ସାଧାରଣ ସମ୍ପାଦକ ଦେବାଶିଷ ରାୟ ଯୋଗଦେଇ ବିଡ଼ି ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ସତ୍ୟାନନ୍ଦ ବେହେରା କହିଲେ, ସାରା ରାଜ୍ୟରେ ୧୦ ଲକ୍ଷ ବିଡି ଶ୍ରମିକ କାମ କରୁଛନ୍ତି। ସେଥିରୁ ୭୦% ଶିଶୁ ଓ ମହିଳା। ବିଡି କମ୍ପାନୀମାନେ ଠିକାଦାରଙ୍କ ଜରିଆରେ କାମ କରାଉଥିବାରୁ ହକ୍‌ଦାବିରୁ ବଞ୍ଚିତ ହେଉଛନ୍ତି। ନ୍ୟାୟ ଦାବିରେ ଆଗାମୀ ଦିନରେ ୨୦ ହଜାର ଶ୍ରମିକଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଅବସରରେ ଆସନ୍ତା ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ସଭାପତି ଭାବେ ଉପେନ୍ଦ୍ର ଶର୍ମା, ଉପସଭାପତି ବସନ୍ତ ପଟ୍ଟନାୟକ, ସାଧାରଣ ସମ୍ପାଦକ ସତ୍ୟାନନ୍ଦ ବେହେରା, ସମ୍ପାଦକ ବିଶ୍ୱନାଥ ସାହୁ, ଗୌରୀ ପାତ୍ର, ପଦୀପ ନାୟକ, କୋଷାଧ୍ୟକ୍ଷ ଭାବେ ଧନଞ୍ଜୟ ସାହୁ ନିର୍ବାଚିତ ହୋଇଛନ୍ତି। ଏଥିସହ ୨୫ ଜଣିଆ କାର୍ଯ୍ୟକାରୀ କମିଟି ଚୟନ କରାଯାଇଛି।

# ମୋ ଢେଙ୍କାନାଳ ମହୋତ୍ସବ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଶିଶୁଗୃହ ଠାରେ ମୋ ଢେଙ୍କାନାଳ ଚ୍ୟାନେଲ ପକ୍ଷରୁ ୫ମ ପ୍ରତିଷ୍ଠା ଦିବସ ଅବସରରେ ମୋ ଢେଙ୍କାନାଳ ମହୋତ୍ସବ ୨୦୨୩ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା । ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ମିଶ୍ର, ସାମାଜିକ କର୍ମୀ ଡାକ୍ତର ଶାନ୍ତିଭୂଷଣ ପଣ୍ଡା, ଶିକ୍ଷାବିତ୍ ଡ. ରଜନୀକାନ୍ତ ତରାଇ, ଉପଦେଷ୍ଟା ପରେଶ ଚନ୍ଦ୍ର ପଟ୍ଟନାୟକ, ଶତ୍ରୁଘ୍ନ ମାଟି, ଶକ୍ତିବାହିନୀର ସଭାନେତ୍ରୀ ସସ୍ମିତା ଦାଶ, ଶିଶୁଗୃହର ମୁଖ୍ୟ ପ୍ରଦୀପ ସାହୁ ପ୍ରମୁଖ ଯୋଗ ଦେଇ ଏହି ଭଳି ପ୍ରୟାସକୁ ସ୍ୱାଗତ କରିଥିଲେ । ଆଗାମୀ ଦିନରେ ବିଭିନ୍ନ ବ୍ଲକରେ ଏହି ମହୋତ୍ସବ ପାଇଁ ବ୍ଲକସ୍ତରୀୟ ଓ ଶେଷରେ ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ସେପ୍ଟେମ୍ବରରେ ଆୟୋଜିତ ହେବ। ଜିଲାର ସମସ୍ତ ବ୍ଲକ, ପୌରାଞ୍ଚଳ ଅଧୀନ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିବେ। ମୋ ଢେଙ୍କାନାଳର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏଥିସହ ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ, ସଦସ୍ୟାସଦସ୍ୟ, ସହଯୋଗୀଙ୍କୁ ଉତ୍ସାହିତ କରିଥିଲେ । ମୋ ଢେଙ୍କାନାଳ ଚ୍ୟାନେଲର ସମସ୍ତ କର୍ମଚାରୀ, ଉପସ୍ଥିତ ରହି ସହଯୋଗ କରିଥିଲେ। ଆଶୁତୋଷ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରଥିବା ବେଳେ ଲୋପାମୁଦ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ବିଜୟ କୁମାର ମିଶ୍ର, ରୁଦ୍ରନାରାୟଣ ଶତପଥୀ, ପ୍ରକାଶ ଚନ୍ଦ୍ର ରାଉତ, ସ୍ୱପ୍ନା ଜେମ୍ସ, ମମତା ମହନ୍ତ, ପ୍ରୀତିସ୍ୱରୂପା ଦାଶ, ସୁଚିତ୍ର ବେହେରା, ଡାର୍ଲିନ ଡାଲଟନ, ବିଶାଳ ଦାଶ, ସୌମେଶ ସାହୁ, ନିହାର ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଚିତ୍ତରଞ୍ଜନଙ୍କ ସାହିତ୍ୟକୃତି, ବିଚାର ସମ୍ପର୍କରେ ଆଲୋଚନା

ଅନୁଗୋଳ, ୨୬।୮ (ଅମିତ ସାମଲ)

ଚମ୍ପତିମୁଣ୍ଡା ପୋଷ୍ଟ ବେସିକ୍ ସ୍କୁଲ ପରିସରରେ ଶନିବାର ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଚିତ୍ତରଞ୍ଜନ ଦାସଙ୍କ ଜନ୍ମଶତବାର୍ଷିକୀ ସମାରୋହ ପାଳିତ ହୋଇଯାଇଛି। ବିଦ୍ୟାଳୟର ସର୍ବପୁରାତନ ଛାତ୍ରୀ ତଥା ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ବେହେରା, ସମ୍ମାନିତ ଅତିଥି ଆଦିକନ୍ଦ ସାହୁ, କବି ଶୈଳେଜ ରବି, ପ୍ରହ୍ଲାଦ ବେହେରା, ଅନିଲ ପ୍ରଧାନ, ରମେଶ ଗୁମାନ ସିଂହ, ଚିତ୍ତରଞ୍ଜନ ଫାଉଣ୍ଡେଶନ ଉପସଭାପତି ସନ୍ତୋଷ ମିଶ୍ର, ଜଗଦାନନ୍ଦ ଜେନା, ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇ ଚିତ୍ତରଞ୍ଜନଙ୍କ ସାହିତ୍ୟ, ଜ୍ଞାନ, ବିଚାର ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ବିଦ୍ୟାଳୟର ଛାତ୍ରୀଛାତ୍ରୀ, ଶିକ୍ଷକ ଏବଂ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଆବାହକ ବିପିନ ବିହାରୀ ବାରିକ ସ୍ୱାଗତ ଭାଷଣ ଦେଇଥିବାବେଳେ ବିମଳା ପ୍ରସାଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପୁରାତନ ଛାତ୍ର ଡ. କୁଳମଣି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# ଇସ୍ରୋ ବୈଜ୍ଞାନିକ ଶରତଙ୍କ ମା'ଙ୍କୁ ସମ୍ବର୍ଦ୍ଧନା


ଶରତଙ୍କ ମା'ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ତାଳଚେର, ୨୬।୮ (ମନୋଜ ନନ୍ଦ)

ମିଶନ ଚନ୍ଦ୍ରଯାନ–୩ରେ ସାମିଲ ହୋଇଥିବା ଇସ୍ରୋ ବୈଜ୍ଞାନିକ ଶରତ ଦାସଙ୍କ ମା' ସୁଲୋଚନାଙ୍କୁ ଶନିବାର ନବମିଶ୍ର କଲୋନୀ ବାସିନ୍ଦା ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ଅଶୋକ ବର୍ମା, ସମ୍ପାଦକ ମନୋଜ ସାହୁ, କୋଷାଧ୍ୟକ୍ଷ ଗୋପାଳ ମୋଦି, ସଭ୍ୟ ସୁମନ୍ତ ଦାସ, ଆଶିଷ ଗୋୟଲ, ବିଦ୍ୟାଧର ସାହୁ, ଅନନ୍ତ ଦାସ, ରବୀନ୍ଦ୍ର ପଣ୍ଡା, ପ୍ରଦୀପ୍ତ ଜେନା, ବେଦପ୍ରକାଶ ମୋଦି, ମନୋଜ ମୋଦି, ଶଙ୍କର ମୋଦି, ଇଶୋର ବଳ, ମହିଳା ମଣ୍ଡଳର ରେଖା ଦାସ, ରୀନା ସାହୁ, ବିଜୟିନୀ ପଣ୍ଡା ପ୍ରମୁଖ ଶରତଙ୍କ ତାଳଚେରସ୍ଥିତ ବାସଭବନକୁ ଯାଇ ତାଙ୍କ ମା' ସୁଲୋଚନାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ସୁଲୋଚନା ଦାସଙ୍କ ଚାରି ସନ୍ତାନଙ୍କ ମଧ୍ୟରୁ ଶରତ ହେଉଛନ୍ତି ବଡ଼। ବାପା ଗୋବିନ୍ଦ ତାଳଚେର କୋଲ୍ ମାଇନ୍ସରେ କାମ କରୁଥିବାବେଳେ ୪ବର୍ଷ ତଳେ ତାଙ୍କର ଦେହାନ୍ତ ହୋଇଯାଇଛି। ପିଲାଟି ଦିନରୁ ମେଧାବୀ ଶରତ ପୈତୃକ ଗ୍ରାମ ଗୋବିନ୍ଦପୁରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ତୃତୀୟ ଶ୍ରେଣୀ ଯାଏ ପାଠ ପଢ଼ିଥିଲେ। ଏହାପରେ ତାଳଚେର ହାଣ୍ଡିଧୁଆ ହାଇସ୍କୁଲରୁ ୧୦ମ, ଭୁବନେଶ୍ୱର ବିଜେବି କଲେଜରୁ ବିଜ୍ଞାନରେ ଯୁକ୍ତ୨, ଢେଙ୍କାନାଳ କଲେଜରୁ ଯୁକ୍ତ ୩ ପାସ୍ କରିଥିଲେ। ରାଉରକେଲା ଆଇଆଇଟି ଏବଂ ଆସାମ ଗୁଆହାଟିରେ ଏନ୍‌ଆଇଟିରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ସେ ଇସ୍ରୋରେ କାର୍ଯ୍ୟରତ ଅଛନ୍ତି। ଗୋବିନ୍ଦପୁରରେ କେବଳ ପିଉସୀ ନାନୀ ରହୁଥିବା ବେଳେ ପରିବାରର ଅନ୍ୟ ସଦସ୍ୟ ତାଳଚେରରେ ରହୁଛନ୍ତି।

# ରାସ୍ତାରୁ ହଟିଲା ବିପଦସଙ୍କୁଳ ଗଛ


ବିପଦସଙ୍କୁଳ ଅବସ୍ଥାରେ ଥିବା ଗଛ କଟାଯାଉଛି।

ବଇଣ୍ଡା, ୨୬।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଶଙ୍ଖାରିସାହି ରାସ୍ତା ପାର୍ଶ୍ୱରେ ଥିବା ବିପଦସଙ୍କୁଳ ଶାଳଗଛକୁ ଶନିବାର ଓଡ଼ିଶା ବନ ଉନ୍ନୟନ ନିଗମ ପକ୍ଷରୁ କଟାଯାଇଛି। ଗଣ୍ଡିଗୁଡ଼ିକୁ ଜାମୁନାଳୀସ୍ଥିତ ଡିପୋକୁ ସ୍ଥାନାନ୍ତର କରାଯାଇଛି।

ବଇଣ୍ଡା–ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ଶଙ୍କାରି ସାହି ରାସ୍ତାକଡ଼ରେ ଉକ୍ତ ଶାଳ ଗଛଟି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ସାମାନ୍ୟ ବର୍ଷା ପବନରେ ଡାଳଭାଙ୍ଗି ରାସ୍ତାରେ ପଡୁଥିଲା। ଏହଦ୍ୱାରା ପଥଚାରି ଆହତ ହେଉଥିଲେ। ଉକ୍ତ ଶାଳଗଛକୁ କାଟିବା ପାଇଁ ଅମିୟ ରଞ୍ଜନ ମିଶ୍ର ୨୦୨୧ ଫେବୃୟାରୀ ୮, ମାର୍ଚ୍ଚ ୨ ଏବଂ ୨୦୨୨ ଡିସେମ୍ବର ୨୮ରେ ଆଠମଲ୍ଲିକ ଡିଏଫ୍‌ଓ, ଆଠମଲ୍ଲିକ ଉପଜିଲାପାଳ, ଅନୁଗୋଳ ଜିଲାପାଳ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ୫–ଟି ସଚିବଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ଆଠମଲ୍ଲିକ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ କଟର ସହାୟତାରେ ବନ କର୍ମଚାରୀମାନେ ଗଛ କାଟିଥିଲେ। ଦାବି ପୂରଣ ହୋଇଥିବାରୁ ଅମିୟ ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି।

# କୋଚିଂ ସେଣ୍ଟରରେ ଛାତ୍ରଙ୍କୁ ମାଡ଼ ଘଟଣାର ତଦନ୍ତ

ଛେଣ୍ଡିପଦା, ୨୬।୮ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଏକ ଘରୋଇ ଶିକ୍ଷା ଅନୁଷ୍ଠାନରେ ଛାତ୍ରଙ୍କୁ ମାଡ଼ ମରାଯିବା ଘଟଣାର ତଦନ୍ତ ଶନିବାର ଆରମ୍ଭ ହୋଇଛି। ଛେଣ୍ଡିପଦା ପୋଲିସ ଏବଂ ଚାଇଲ୍ଡ ଲାଇନ୍ ସଦସ୍ୟ ଏହାର ତନାଘନା କରିଛନ୍ତି।

ଚାଇଲ୍ଡ ଲାଇନ ସଦସ୍ୟ ରାମଚନ୍ଦ୍ର ସାହୁ, ଆସେସ ଟୁ ଜଷ୍ଟିସ୍‌ର କାର୍ଯ୍ୟକର୍ତ୍ତା ଗୋପବନ୍ଧୁ ସାହୁ, ଛେଣ୍ଡିପଦା ଥାନା ଏଏସ୍‌ଆଇ ଅରୁଣ ବେହେରା ନିର୍ଯାତନାର ଶିକାର ହୋଇଥିବା ଛାତ୍ରଙ୍କୁ ପଚରାଉଚରା କରିଛନ୍ତି। ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ଭିଡିଓ କଲ୍ ମାଧ୍ୟମରେ ଘଟଣା ବିଷୟରେ ପଚାରି ବୁଝିଛନ୍ତି। ପୁନର୍ବାର ଏଭଳି ଘଟଣା ଘଟିଲେ ଟୋଲ ଫ୍ରି ନମ୍ବର ୧୦୯୮ରେ ଅଭିଯୋଗ କରିବା ପରାମର୍ଶ ଦେଇଥିଲେ। ତଦନ୍ତ ପରେ ଚାଇଲ୍ଡ ଲାଇନ୍ ପକ୍ଷରୁ ଛେଣ୍ଡିପଦା ଥାନାରେ କୋଚିଂ ସେଣ୍ଟର ମାଲିକଙ୍କ ନାମରେ ଲିଖିତ ଅଭିଯୋଗ କରାଯାଇଛି। କୋଚିଂ ସେଣ୍ଟରର କେତେଜଣ ଛାତ୍ର କହିଛନ୍ତି, ପାଠ ପଢ଼ିବା ସହ ସେମାନେ ହଷ୍ଟେଲରେ ରହୁଛନ୍ତି। ନିକଟରେ ଶେଷ ହୋଇଥିବା ପରୀକ୍ଷାରେ ଅନେକଙ୍କ ରେଜଲ୍ଟ ଖରାପ ହୋଇଥିଲା। ତେଣୁ ଭୋର୍ ୩ଟାରୁ ଉଠି ପାଠ ପଢ଼ିବାକୁ କୋଚିଂ ସେଣ୍ଟର ପକ୍ଷରୁ ବାଧ୍ୟ କରାଯାଉଥିଲା। ଗତ ୨୪ ତାରିଖରେ କେତେଜଣ ଛାତ୍ର ନ ଉଠିବାରୁ ଅନୁଷ୍ଠାନର ମାଲିକ ଛାତ୍ରଙ୍କୁ ବାଡ଼ିରେ ନିସ୍ତୁକ ପିଟିଥିଲେ। ତେବେ ଏହି ଘଟଣା ଆଗକୁ ନ ବଢ଼ାଇବା ଲାଗି ଛାତ୍ରମାନେ ନିବେଦନ କରିଛନ୍ତି। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ଭାଇରାଲ ହୋଇଥିଲା, ଯାହାକୁ ଗୁରୁତର ସହ ନେଇଛି ଜିଲା ପ୍ରଶାସନ।

# ଅଧିକାରୀଙ୍କ ସେତୁ ନିର୍ମାଣ ସ୍ଥଳ ପରିଦର୍ଶନ



କଣିହାଁ, ୨୬।୮ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରନଗର ଅଞ୍ଚଳ ବିରୁ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ସମାକୋଇ ନଦୀରେ ପ୍ରସ୍ତାବିତ ସେତୁ ନିର୍ମାଣସ୍ଥଳ ପରିଦର୍ଶନ କରିଛନ୍ତି ତାଳଚେର ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀନିର୍ବାହୀ ଯନ୍ତ୍ରୀ ମୋନାଲିସା ମାହନ୍ତ ଏବଂ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ସାହୁ। ଶନିବାର ଉଭୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ୫–ଟି ସଚିବଙ୍କ ତାଳଚେର ଗସ୍ତ ସମୟରେ ସମାକୋଇ ନଦୀରେ ନୂତନ ସେତୁ ନିର୍ମାଣ ପାଇଁ ଅଞ୍ଚଳବାସୀ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ପୋଲ ନିର୍ମାଣ ଦ୍ୱାରା ବିରୁ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ପବିତ୍ରନଗର ଅଞ୍ଚଳକୁ ଦୂରତା ୫ କିମିରୁ ୧ କିମିକୁ ହ୍ରାସ ପାଇବ। ଏଥିସହ ବିରୁ, ବୁରୁକୁନା ଓ ପରାବିଲ ପଞ୍ଚାୟତର ଜନସାଧାରଣଙ୍କ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନଜୀବିକା ଆଦି କ୍ଷେତ୍ରରେ ଉନ୍ନତି ହେବ। ରାଜ୍ୟ ସରକାରଙ୍କ ପକ୍ଷରୁ ସେତୁ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏହାକୁ ନେଇ ଅଞ୍ଚଳବାସୀ ଉତ୍ସାହିତ ଅଛନ୍ତି।

# ସଂସ୍କୃତ ଦିବସ ପାଳିତ

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ମଙ୍ଗଳପୁର ପଞ୍ଚାୟତର ସତ୍ୟବାଦୀ ହାଇସ୍କୁଲରେ ଶନିବାର ସଂସ୍କୃତ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ମୃଣ୍ମୟୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପୂର୍ବତନ ସଂସ୍କୃତ ଶିକ୍ଷକ ନିରଞ୍ଜନ ଦାସ କହିଲେ, ଭାଷା ଓ ବିଜ୍ଞାନର ଜନନୀ ସଂସ୍କୃତ ଭାଷା। ଆମେ ସଂସ୍କୃତ ଭାଷା ଜାଣିବା ଆବଶ୍ୟକ। ଶିକ୍ଷକ ବିଚିତ୍ରାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ବିଦେଶୀମାନେ ଭାରତରୁ ସଂସ୍କୃତ ଭାଷା ଅପହରଣ କରି ନିଜ ସଭ୍ୟତାର ବିକାଶ କରିବାରେ ସକ୍ଷମ ହୋଇପାରିଛନ୍ତି। ପୂର୍ବତନ ଶିକ୍ଷୟିତ୍ରୀ ପ୍ରତିମା ଦେବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷା ଆମକୁ ସଂସ୍କାର ଶିକ୍ଷା ଦେଇଥାଏ ବୋଲି କହିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ଶ୍ରୀମା ସନାତନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଭ୍ରଷ୍ଟାଚାର ବିରୋଧରେ ଭାଜପାର ବିକ୍ଷୋଭ


ବଡ଼କେରାରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଭାଜପା ନେତୃବୃନ୍ଦ।


କଣିହାଁ ବ୍ଲକ ଭାଜପା ପକ୍ଷରୁ ବିକ୍ଷୋଭ ଅବସରରେ ଦଳୀୟ କର୍ମକର୍ତ୍ତାମାନେ।

ଅନୁଗୋଳ/କଣିହାଁ, ୨୬।୮ (ଅମିତ ସାମଲ/ସଚ୍ଚିଦାନନ୍ଦ ପ୍ରଧାନ)

ରାଜ୍ୟର ବିଜେଡି ସରକାର ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗ ଆଣି ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨ନଂ. ଜୋନ୍ ଅଧୀନ ବଡ଼କେରା ପଞ୍ଚାୟତରେ ଭାଜପା ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଆୟୋଜିତ ପ୍ରତିବାଦ ସଭାର ନେତୃତ୍ୱ ନେଇଥିଲେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନ। ନିର୍ବାଚନମଣ୍ଡଳୀ ପ୍ରଭାରୀ ଯଯାତି ପଟ୍ଟନାୟକ, ଜିଲା ସମ୍ପାଦକ ପ୍ରଭାତ ପ୍ରଧାନ, ସଂଯୋଜକ ଦିଲୀପ ଦାସ, କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ପୃଷ୍ଟି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ସାହୁ, ମଣ୍ଡଳ ସଭାପତି ସୁଦର୍ଶନ ସାହୁ, ବଡ଼କେରା ସରପଞ୍ଚ ହାଡ଼ିବନ୍ଧୁ ବେହେରା, ସମିତିସଭ୍ୟ ଅପୂର୍ବ ବେହେରା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାର ଉପରେ ବର୍ଷିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତ ସଭାପତି ବିନୋଦ ଦେହୁରୀ, ଶିବରାମ ମହାଳିକ ନିରଞ୍ଜନ ଦେହୁରୀ, ଅଟଳ ବିହାରୀ ଖୁଣ୍ଟିଆ, ସଞ୍ଜୟ ଦେହୁରୀ, ଅବିନାଶ ଦେହୁରୀ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଅନୁରୂପ ଭାବେ କଣିହାଁ ବ୍ଲକ ବିଜିଗୋଳ ଓ ଗଦାଶିଳା ପଞ୍ଚାୟତ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରିଷ୍ଠ ଭାଜପା ନେତା କାଳିନ୍ଦୀ ସାମଲ ଯୋଗଦେଇ କହିଲେ, ରାଜ୍ୟ ସରକାର ସରପଞ୍ଚଙ୍କ କ୍ଷମତା ଛଡ଼ାଇ ନେଇଛନ୍ତି। ଉନ୍ନୟନମୂଳକ କାର୍ଯ୍ୟରେ ପିସି କାରବାର ହେଉଛି। ଗରିବ ଲୋକଙ୍କ ପାଇଁ ଆସୁଥିବା ଟଙ୍କାର ହରିଲୁଟ୍ ହେଉଛି। ଶାସକ ଦଳର ନେତୃବୃନ୍ଦ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଛାଡ଼ି ଭତ୍ତା ବାଣ୍ଟୁଛନ୍ତି। ଆଗାମୀ ଦିନରେ ଏହା ବିରୋଧରେ ଆନ୍ଦୋଳନ ତୀବ୍ରତର କରାଯିବ। ପର୍ଶୁରାମ ବାରିକ, ସୁଶାନ୍ତ ସାମଲ, ଦେବେନ୍ଦ୍ର ବାରିକ, ଲୋକନାଥ ସାହୁ, ସୁଲେନ ଧର, କନିଷ୍କ ପ୍ରଧାନ, ବିନତି ନାଏକ, ରଞ୍ଜନ ଦାସ, ଅନିରୁଦ୍ଧ ପାଣି ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏଲ୍ଆଇସି ଅଭିକର୍ତ୍ତା ମହାସଂଘର ବୈଠକ

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଢେଙ୍କାନାଳ ଦଧିବାମନଜୀଉ ମଠ ପରିସରରେ ଥିବା ଭାଗବତ ମଣ୍ଡପଠାରେ ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ଶାଖାର ଅଭିକର୍ତ୍ତା ମହାସଂଘର ୩୦ତମ ବାର୍ଷିକ ଅଧିବେଶନ ସର୍ବଭାରତୀୟସ୍ତରର ପାଳନ କରାଯିବ। ଏ ନେଇ ସଂଘ ସଭାପତି ଶଙ୍କର୍ଷଣ ରଥଙ୍କ ସଭାପତିତ୍ୱରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଭ୍ୟ ଉଦୟନାଥ ମହାନ୍ତି ଜୋନାଲ କମିଟି ଉପସଭାପତି ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଶତପଥୀ, ଉପସଭାପତି ଶ୍ରୀକାନ୍ତ ସାହୁ, ରମେଶ ଚନ୍ଦ୍ର ସାମଲ, କୋଷାଧ୍ୟକ୍ଷ ବୈକୁଣ୍ଠ ଚରଣ ସାହୁ, କାର୍ତ୍ତିକେଶ୍ୱର ମହାରଣା, ଭଗବାନ ପଟ୍ଟନାୟକ, ନଗେନ ଚନ୍ଦ୍ର ଧଳଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ରାମିଆଳ ନଦୀରେ ବୁଡ଼ି ଯୁବକ ମୃତ

କାମାକ୍ଷାନଗର, ୨୬।୮ (ସୁଧୀର ପରିଡ଼ା)

ଢେଙ୍କନାଳ ଜିଲା କଙ୍କଡାହାଡ଼ ବ୍ଲକ କନ୍ଧରା ଗ୍ରାମର କିଶୋର ସିଂ (୪୨)ଙ୍କ ଶନିବାର ରାମିଆଳ ନଦୀରେ ବୁଡ଼ିଯାଇ ମୃତ୍ୟୁ ଘଟିଛି। ସେ ସକାଳ ସାଢ଼େ ୬ଟାରେ ଶୌଚ ହେବାକୁ ଯାଇ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର ସନ୍ଧାନ ମିଳି ନ ଥିଲା। ପୂର୍ବାହ୍ନ ୧୧ଟାରେ ବନ୍ଧାଣିଆ ଘାଟ କୂଳରେ ତାଙ୍କ ମୃତଦେହ ଲାଗିଥିବା ଦେଖି ଗ୍ରାମବାସୀ ପରିବାରକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। କିଶୋରଙ୍କ ଏଭଳି ବିୟୋଗ ଗ୍ରାମରେ ଶୋକର ଛାୟା ଖେଳାଇ ଦେଇଛି। ସେହିପରି ପେଟାପେଟି ଡ୍ୟାମରେ ଗୁରୁବାର ବୁଡ଼ିଯାଇଥିବା ପାସିନୀ ମୁନ୍ଦୁୟା (୫୦)ଙ୍କ ମୃତଦେହ ମିଳିଛି।

### ବଡି ବିଲ୍ଡିଂରେ ସ୍ୱର୍ଣ୍ଣ ଜିତିଲେ ଶୁଭଙ୍କର

ଢେଙ୍କାନାଳ, ୨୬।୮ (ରତନ ନାୟାର)

ନେପାଳର କାଠମାଣ୍ଡୁରେ ଅନୁଷ୍ଠିତ ନରେଶ ସୂର୍ଯ୍ୟ କ୍ଲାସିକ ଇଣ୍ଟରନ୍ୟାସନାଲ ବଡି ବିଲ୍ଡିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ଢେଙ୍କାନାଳ ଜିଲା ସଦର ବ୍ଲକ ମାଣିପୁର ଗ୍ରାମର ଶୁଭଙ୍କର ରାଉତ। ଏଥିସହ ପୁରୁଷ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନରେସେ ବ୍ରୋଞ୍ଜ ପଦକ ହାତେଇଛନ୍ତି। ଶୁଭଙ୍କର ହେଉଛନ୍ତି ବିଜୟ ରାଉତଙ୍କ ପୁତ୍ର। ସେ କୋଚ୍ ଅବଦୁଲ ତଫିକ୍ ଆଜାଦଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।



ଶୁଭଙ୍କର ରାଉତ।

# ଚିହ୍ନଟ ଜମି ସାନ୍ଧ୍ୟ କଲେଜକୁ ହସ୍ତାନ୍ତର

## ଗଣେଶପୂଜାରେ ହେବ ଭିତ୍ତିପ୍ରସ୍ତର ସ୍ଥାପନ

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଓ ଯୁକ୍ତ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ପାଇଁ ୯ନଂ. ୱାର୍ଡ ବନମାଳୀପ୍ରସାଦ ରାସ୍ତାପାର୍ଶ୍ୱରେ ୭ ଏକରରୁ ଊର୍ଦ୍ଧ୍ୱ ଜାଗା ଚିହ୍ନଟ କରାଯାଇଛି। ଏହାକୁ ଶନିବାର କଲେଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଗଣେଶ ପୂଜାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ହାଟରୋଡ୍ସ୍ଥିତ ପୁରୁଣା ଏଲ୍ଏମ୍ ହାଇସ୍କୁଲର କେତେକ ପ୍ରକୋଷ୍ଠରେ ଯୁକ୍ତ ୩ ସାନ୍ଧ୍ୟ କଲେଜ ଓ ଯୁକ୍ତ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାଲିଛି। ଶନିବାର ଜିଲାପାଳ ସରୋଜ କୁମାର ସେଠୀଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଏହାର ସ୍ଥିତି ଦେଖି ଦୁଃଖ ପ୍ରକାଶ କରିଥିଲେ। ସାନ୍ଧ୍ୟ କଲେଜ ଅଧ୍ୟକ୍ଷ ଡ. ସମୀର କୁମାର ସାହୁ କଲେଜର ନିଜସ୍ୱ କୋଠା ଲାଗି ଜମି ଚିହ୍ନଟ କରିବା ଲାଗି ଜିଲାପାଳଙ୍କୁ ନିବେଦନ କରିଥିଲେ। ଏହାପରେ ଜିଲାପାଳ



ଚିହ୍ନଟ ଜାଗାସ୍ଥଳ ପରିଦର୍ଶନ ଅବସରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ସେଠୀ, ଅତିରିକ୍ତ ଜିଲାପାଳ ଲଳିତ କୁମାର ବେହେରା, ତହସିଲଦାର ସୁଧାଂଶୁ କୁମାର ସାଓ, ଗ୍ରାମ୍ୟ ନିର୍ମାଣ ବିଭାଜନ ନିର୍ବାହୀଯନ୍ତ୍ରୀ ସୁନିତା ରାଉତ ପ୍ରମୁଖ ଢେଙ୍କାନାଳ-ଭାପୁର ରାସ୍ତାପାର୍ଶ୍ୱରେ ଚିହ୍ନଟ କରାଯାଇଥିବା ଜାଗା (ଖାତା ନଂ. ୫୪୧, ପ୍ଲଟ୍ ନଂ-୧୭୯୭/୨୧୫୨) ବୁଲି ଦେଖିଥିଲେ। ଯୁକ୍ତ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମାନଗୋବିନ୍ଦ ଗୋଚ୍ଛି ଉପସ୍ଥିତ ଥିଲେ। କୋଠା ନିର୍ମାଣ ପାଇଁ କଲେଜ ଅଧ୍ୟକ୍ଷଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଉକ୍ତ ଜମିରେ ଥିବା ଗଛ କାଟିବା ଲାଗି ବନ ବିଭାଗର ଅନୁମତି ମିଳିଛି। ସେଠାରେ ଏକ ସୁରକ୍ଷା ବାଡ଼ ନିର୍ମାଣ କରିବା ଲାଗି ପୂର୍ତ୍ତ ଓ ଗ୍ରାମ୍ୟ ନିର୍ମାଣ ବିଭାଜନକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଢେଙ୍କାନାଳ ଗସ୍ତ ସମୟରେ ଯୁକ୍ତ୩ ସାନ୍ଧ୍ୟ ମହାବିଦ୍ୟାଳୟ ଓ ଯୁକ୍ତ୨ ଉଚ୍ଚ ମାଧ୍ୟମିକ ଆଦର୍ଶ ବିଦ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ ଲାଗି ଲିଖିତ ଭାବେ ଅବଗତ କରାଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ଏଥିଲାଗି ଦେଢ଼ କୋଟିଟଙ୍କା ମଞ୍ଜୁର କରିଥିଲେ। ଆବଶ୍ୟକ ପଡ଼ିଲେ ଯୁକ୍ତ ୨, ଯୁକ୍ତ ୩ କଲେଜର ନିଜସ୍ୱ ପାଣ୍ଠି, ଏମ୍ପି, ବିଧାୟକଙ୍କ ଆଞ୍ଚଳିକ ବିକାଶ ପାଣ୍ଠି, ଜିଲା ଖଣିଜ ପାଣ୍ଠିରୁ ଅନୁଦାନ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଯୁକ୍ତ ୩ ସାନ୍ଧ୍ୟ କଲେଜରେ ୧୪୦୦ ଛାତ୍ରୀଛାତ୍ର ଏବଂ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ଆବଶ୍ୟକ ପ୍ରକୋଷ୍ଠ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପଢ଼ିବାରେ ସମସ୍ୟା ଉପୁଜୁଛି।

# ସିଦ୍ଧ ବଳରାମଙ୍କ ଝୁଲଣ ପର୍ବ

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଢେଙ୍କାନାଳ କୈବଲ୍ୟ ବଜାରସ୍ଥିତ ମହାପ୍ରଭୁ ସିଦ୍ଧ ବଳରାମ ଜୀଉଙ୍କ ୫ଦିନିଆ ଝୁଲଣ ପର୍ବ ଶନିବାରଠାରୁ ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଛି। ଏହି ଅବସରରେ ଅଧିବାସ ପୂଜା ହୋଇଥିଲା। ସନ୍ଧ୍ୟାରେ ଝୁଲଣ ବେଦିରେ ପଞ୍ଚାମୃତ ସିଞ୍ଚନ କରାଯାଇଥିଲା। ସନ୍ଧ୍ୟା ଆଳତି ପରେ ଘଣ୍ଟ, କାହାଳି, ଚାମର ସେବା କରାଯାଇ ମଦନ ମୋହନଙ୍କୁ ଝୁଲଣ ବେଦିରେ ବିଜେ କରାଯାଇଥିଲା। ମଙ୍ଗଳାର୍ପଣ ପୂଜା ପରେ ଉଖୁଡ଼ା, ମିଠା ଭୋଗ ଲାଗି କରାଯାଇଥିଲା। ପୂଜକ ମଳୟ କର, ମନସୁମନ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, କାହାଳିଆ ଟିକନ ବେହେରା, ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଠାକୁରଙ୍କୁ ଝୁଲଣ ବେଦିରେ ବିଜେ କରାଯାଇଛି।

# ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଏକ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ବିଭିନ୍ନ ପାଠ୍ୟ ଓ ପାଠ୍ୟ ବ୍ୟବହାର ବିଷୟକୁ ନେଇ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପ୍ରଣତି ପତି, ରାନୁ ଦାସ, ବବିତା ସାହୁ, ସାଗରିକା ପଣ୍ଡା, ସୋନାଲି ସାହୁ, ଜୟନ୍ତୀ ବେହେରା, ଲିପିକା ନାୟକ ଉପସ୍ଥିତ, ଶିକ୍ଷକ ପ୍ରଶାନ୍ତ ଜେନା ଥିଲେ। ମୁକ୍ତାଦେଇପୁର କ୍ଲଷ୍ଟର ସାଧନ ସଂଯୋଜିକା ପ୍ରିୟମ୍ବଦା ପଣ୍ଡା ଧନ୍ୟବାଦ ଦେଇଥିଲେ।



ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଉତ୍ସବରେ ଅଂଶଗ୍ରହଣ କରିଥିବା ପିଲାମାନେ।

# ଟାଟା ଷ୍ଟିଲ୍ ସ୍ୱେଚ୍ଛାସେବୀ ସପ୍ତାହ



ଟାଟା ଷ୍ଟିଲ୍ ସ୍ୱେଚ୍ଛାସେବୀ ସପ୍ତାହ ପାଳନ ଅବସରରେ କମ୍ପାନୀର କର୍ମକର୍ତ୍ତା, ପୋଲିସ ଅଧିକାରୀଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀର କର୍ମଚାରୀଙ୍କୁ ନେଇ ଟାଟା ଷ୍ଟିଲ୍ ସ୍ୱେଚ୍ଛାସେବୀ ସପ୍ତାହ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସେପ୍ଟେମ୍ବର ୪ ଯାଏ ଅନୁଷ୍ଠିତ ହେବାକୁ ଥିବା ଏହି ସପ୍ତାହବ୍ୟାପୀ ଅଭିଯାନରେ କମ୍ପାନୀ କର୍ମଚାରୀମାନେ ସମାଜ ଓ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେବେ।

ଟାଟା ଷ୍ଟିଲ୍ ପ୍ରତିଷ୍ଠା ଦିବସରେ ଅନୁଗୋଳ ଓ ଢେଙ୍କାନାଳ ଜିଲା ପ୍ରଶାସନ, ପୋଲିସ କର୍ମଚାରୀ, କମ୍ପାନୀର କର୍ପୋରେଟ ସେବା ଡିଭିଜନ, ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ବଅଁରପାଳ, ହିନ୍ଦୋଳ ଓ ଢେଙ୍କାନାଳରେ ମୌସୁମୀ ସଡ଼କ ସଚେତନ ଅଭିଯାନ ଆରମ୍ଭ ହୋଇଛି। ଏଥିସହ ଆନୁଷ୍ଠାନିକ ଭାବେ ଟାଟା ଷ୍ଟିଲ୍ ସ୍ୱେଚ୍ଛାସେବୀ ସପ୍ତାହର ଶୁଭାରମ୍ଭ ହୋଇଛି। କମ୍ପାନୀର କର୍ପୋରେଟ ସେବା ମୁଖ୍ୟ ମୋହିତ ଦାସଙ୍କ ନେତୃତ୍ୱରେ ଗାଡି ଚାଳକ ଓ ପଥଚାରୀଙ୍କୁ ସଚେତନ କରାଯାଇଥିଲା। ସୁରକ୍ଷା ବିଭାଗ ପକ୍ଷରୁ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ହିନ୍ଦୋଳରେ 'ହାତୀ ଆମ ସାଥୀ' ଶୀର୍ଷକ ବିଷୟରେ ହାତୀସୁରକ୍ଷା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା।

# ସାଙ୍ଗଠନିକ ସ୍ଥିତି ମଜଭୁତ କର

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଗଁଦିଆ ବ୍ଲକ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଝିଲିସ୍ଥିତ ନୀଳମାଧବ ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଶେଷଦେବ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲା ସଭାପତି ପଙ୍କଜ ନାୟକ ଯୋଗଦେଇ ବ୍ଲକର ସାଙ୍ଗଠନିକ ସ୍ଥିତି ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରକୁ ହଟାଇବା ପାଇଁ ଆହ୍ୱାନ ଦେଇଥିଲେ। ସାଙ୍ଗଠନିକ କାର୍ଯ୍ୟକ୍ରମ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୫ ସୁଦ୍ଧା ଶେଷ କରିବା ପାଇଁ ଉପସ୍ଥିତ ସଦସ୍ୟମାନେ ମତପ୍ରକାଶ କରିଥିଲେ। ଏହି କ୍ରମରେ ଏକ ୫ ଜଣିଆ କମିଟି ତଦାରଖ କରିବା ପାଇଁ ଗଠିତ ହୋଇଥିଲା। ଶେଷରେ ବେଣୁଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଏଏପିର ପଞ୍ଚାୟତ ପ୍ରତିନିଧିମାନେ।

# ସୁବର୍ଣ୍ଣ ଜୟନ୍ତୀରେ ସ୍ମରଣିକା ଉନ୍ମୋଚନ ନିଷ୍ପତ୍ତି

ଢେଙ୍କାନାଳ, ୨୬।୮ (ରତନ ନାୟାର)

ମାତୃଭବନ ବାରଦାର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ବରିଷ୍ଠ ସଭ୍ୟ ମହେଶ୍ୱର ସାମଲଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୫୦ବର୍ଷର ସ୍ମୃତି ଓ ଅନୁଭୂତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏକ 'ସ୍ମରଣିକା' ବହି ପ୍ରକାଶନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ଆଗ୍ରହୀ ମାତୃପ୍ରେମୀ ଭାଇ, ଭଉଣୀ, ଶିକ୍ଷାକେନ୍ଦ୍ରର ପୁରାତନ ଓ ନୂତନ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ସାଧକ, ସଙ୍ଗଠକ, ସଭ୍ୟାସଭ୍ୟ ଏବଂ ଶୁଭେଚ୍ଛୁମାନଙ୍କୁ ସେମାନଙ୍କ ସୁଚିନ୍ତିତ ଲେଖା ପଠାଇବାକୁ ଅନୁରୋଧ କରାଯାଇଛି। ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।



ବୈଠକରେ ଉପସ୍ଥିତ ମାତୃଭବନର ସଦସ୍ୟଙ୍କ ସମେତ ଅନ୍ୟମାନେ।

# ବୈଦିକ ଗଣିତ ଶିଖିଲେ ଛାତ୍ରୀଛାତ୍ର

ଢେଙ୍କାନାଳ, ୨୬।୮ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ବଳଭଦ୍ରପୁର ଶାସନର ଭାନିରାମ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁନିତା ସାହୁଙ୍କ ସଭାପତିତ୍ୱରେ ଏକ ବୈଦିକ ଗଣିତ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅବସରପ୍ରାପ୍ତ ଗଣିତ ଶିକ୍ଷକ ପ୍ରସନ୍ନ କୁମାର ରାଉତ ଯୋଗଦେଇ ବୈଦିକ ଗଣିତର ସୃଷ୍ଟି ଏବଂ ଛାତ୍ରୀଛାତ୍ରଙ୍କ ଦୈନନ୍ଦିନ ଜୀବନରେ ଏହା କିପରି ପ୍ରୟୋଗ କରାଯାଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଯୋରନ୍ଦାସରସ୍ୱତୀ ଶିଶୁ ମନ୍ଦିରର ବରିଷ୍ଠ ଗଣିତ ପ୍ରଶିକ୍ଷକ ବନବିହାରୀ ପରିଡା ବୈଦିକ ଗଣିତ ଶିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ରମାନେ କିପରି ଜଟିଳରୁ ଜଟିଳ ପ୍ରଶ୍ନର ସମାଧାନ କରିପାରିବେ, ସେ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅତି ଆଗ୍ରହର ସହିତ ବୈଦିକ ଗଣିତ ଶିକ୍ଷାଲାଭ କରିଥିଲେ। ଶେଷରେ ଗଣିତ ପ୍ରଶିକ୍ଷକ ପ୍ରସନ୍ନ କୁମାର ରାଉତ ଓ ବନବିହାରୀ ପରିଡାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କମଳାକାନ୍ତ ମହାପାତ୍ର, ଶିକ୍ଷକ ଦେବେନ୍ଦ୍ର କୁମାର ପଟ୍ଟନାୟକ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ସୁଶୀଲ୍ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ରାଜସ୍ମିତା ଗୁମାନ୍‌ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ଜଣେ ପ୍ରଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି।

# ୪୧ ଧର୍ମାନୁଷ୍ଠାନକୁ ଆର୍ଥିକ ଅନୁଦାନ ପ୍ରଦାନ

କାମାକ୍ଷାନଗର, ୨୬।୮ (ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ଧର୍ମାନୁଷ୍ଠାନଗୁଡ଼ିକର ଉନ୍ନତୀକରଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ମଞ୍ଜୁର ହୋଇଥିବା ଅନୁଦାନ ଅର୍ଥକୁ ଶନିବାର ମନ୍ଦିର ପରିଚାଳନା କମିଟିକୁ ପ୍ରଦାନ କରାଯାଇଛି। ସ୍ଥାନୀୟ ସାରଙ୍ଗଧର ଷ୍ଟାଡିୟମ ଅଡିଟୋରିୟମରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ବ୍ଲକ ଅଧୀନ ୨୨ ପଞ୍ଚାୟତ ମଧ୍ୟରୁ କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୬ ପଞ୍ଚାୟତର ୪୧ଟି ଧର୍ମାନୁଷ୍ଠାନକୁ ୪ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ବିଡିଓ ବିକାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଉପାଧ୍ୟକ୍ଷା ରଞ୍ଜିତା ବିଶ୍ୱାଳ, ଜିଲା ପରିଷଦ ସଦସ୍ୟ ଦୀପ୍ତିମୟୀ ବିଶ୍ୱାଳ, ଅବନ୍ତୀ ସେଠୀଙ୍କ ସହିତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ମନ୍ଦିର କମିଟି ସଭ୍ୟାସଭ୍ୟଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଢେଙ୍କାନାଳ ଜିଲା ଗସ୍ତ ଅବସରରେ ମନ୍ଦିର ଉନ୍ନତୀକରଣ ସମ୍ପର୍କିତ ଅଭିଯୋଗ ଆଗତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହାୟତା ରାଶି ମଞ୍ଜୁର କରିଛନ୍ତି।



ଏକ ମନ୍ଦିର ପରିଚାଳନା କମିଟିକୁ ମନ୍ତ୍ରୀ ସହାୟତା ରାଶି ବାବଦ ଚେକ୍ ପ୍ରଦାନ କରୁଛନ୍ତି।

